# ସତ୍ୟବାଣୀ

# VOICE OF TRUTH

MAY - JUNE
2002



AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-363722

**Vol. 7. May & June - 2002 (No. 5 - 6)**

**Published every two months**
**in Oriya Language for the Restoration of pure**
**New Testament Christianity**

Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - VII KAKINADA MAY-JUNE

## ଉପାସନାର ଅର୍ଥ
## (The Meaning of Worship)

ବାଇବଲରେ ଉପାଦନାର ଅର୍ଥ ସେବା କରିବା, ପ୍ରଶଂସା କରିବା, ଗୌରବାନ୍ୱିତ କରିବା, ପୂଜା କରିବା । ମନୁଷ୍ୟ ଆପଣା ଠାରୁ ମହତ୍ତର ବ୍ୟକ୍ତିତ୍ୱର ଉପାସନା କରିଥାଏ । ଉପାସନା ବିଷୟରେ ବାଇବଲ କ'ଣ କହେ, ବିଶ୍ଳେଷଣ କରି ଦେଖିବା ।

### (୧) ସେବା ଦ୍ୱାରା ଆମ୍ଭେମାନେ ଉପାସନା କରିଥାଉଁ

ଏଠାରେ ସେବାର ଅର୍ଥ ଆଜ୍ଞାବହ ଭାବେ କାର୍ଯ୍ୟଭାର ସମ୍ପନ୍ନ କରିବା । ବାକ୍ୟରେ ପ୍ରଭୁଙ୍କୁ କର୍ତ୍ତା ଓ ଆମ୍ଭମାନଙ୍କୁ ଦାସ ରୂପେ କୁହାଯାଇଅଛି । ପାଉଲ, ଆପଣାକୁ ରୋମୀୟମାନଙ୍କ ନିକଟରେ ଏପରି ଭାବେ ପରିଚିତ କରାନ୍ତି, "ପାଉଲ, ଖ୍ରୀଷ୍ଟ ଯୀଶୁଙ୍କ ଦାସ ଓ ଆହୂତ ଜଣେ ପ୍ରେରିତ, ପୁଣି ଈଶ୍ୱର ଆପଣା ପୁତ୍ର ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ସମ୍ବନ୍ଧରେ ନିଜର ଯେଉଁ ସୁସମାଚାର ଧର୍ମ ଶାସ୍ତ୍ରରେ ଆପଣା ଭାବବାଦୀମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ ସେହି ସୁସମାଚାର ନିମନ୍ତେ ପୃଥକୀକୃତ" (ରୋମୀୟ ୧:୧) । ପିତର ଏବଂ ଯାକୁବ ମଧ୍ୟ ୨ ପିତର ୧:୧ ପଦ ଓ ଯାକୁବ ୧:୧ ପଦରେ ଆପଣାକୁ ଖ୍ରୀଷ୍ଟଙ୍କ ଦାସ ରୂପେ ପରିଚିତ କରିଅଛନ୍ତି । ପାଉଲ କହନ୍ତି, "କିନ୍ତୁ ଏବେ ପାପର ଅଧିନତାରୁ ମୁକ୍ତ ହୋଇ ଈଶ୍ୱରଙ୍କ ଦାସ ହେବାରୁ ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଉଅଛ, ଆଉ ଏଥିର ପରିଣାମ ଅନନ୍ତ ଜୀବନ" (ରୋମୀ ୬:୨୨)

ଆମ୍ଭମାନଙ୍କ ଠାରୁ ପ୍ରଭୁ କିପରି ସେବା ଚାହାନ୍ତି, ଏହି ପଦଗୁଡ଼ିକରୁ ଜାଣିପାରୁ । "ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୂଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ ମୋତେ ଯେ ପରୀକ୍ଷା ଘଟୁଥିଲା, ସେହିସବୁ ମଧ୍ୟରେ କିପରି ପ୍ରଭୁଙ୍କ ସେବା କରୁଥିଲେ" (ପ୍ରେରିତ ୨୦:୧୯) । "ଏଣୁ ତୁମ୍ଭମାନଙ୍କର ଉତ୍ତମ ବିଷୟ ନିନ୍ଦିତ ନହେଉ । କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନ ପାନ ନୁହେଁ, କିନ୍ତୁ ଧାର୍ମିକ, ଶାନ୍ତି ଓ ପବିତ୍ର ଆତ୍ମାଙ୍କ ଠାରେ ଆନନ୍ଦ ଅଟେ । ଯେଣୁ ଯେ ଏହି ବିଷୟରେ ଖ୍ରୀଷ୍ଟଙ୍କର

ସେବା କରେ, ସେ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷାସିଦ୍ଧ ହୁଏ । ଅତଏବ ଆସ ଯେ ବିଷୟ ଶାନ୍ତିଜନକ ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପର ନିଷ୍ଠା ହୁଏ, ସେହିସବୁର ଆମ୍ଭେମାନେ ଅନୁଗମନ କରୁ'' (ରୋମୀୟ ୧୪:୧୬-୧୯) । ''ଉଦ୍‌ଯୋଗରୁ ଶିଥିଳ ହୁଅ ନାହିଁ, ଆତ୍ମାରେ ଉତ୍ତପ୍ତ ହୁଅ । ପ୍ରଭୁଙ୍କ ସେବା କର । ଭରସାର ଆନନ୍ଦ କର, କ୍ଳେଶରେ ସହିଷ୍ଣୁ ହୁଅ, ପ୍ରାର୍ଥନାରେ ଏକାଗ୍ର ଭାବରେ ନିବିଷ୍ଟ ଥାଅ'' (ରୋମୀୟ ୧୨:୧୧-୧୨) ।

ଆମ୍ଭମାନଙ୍କ ଉପାସନା ବିଷୟରେ ପ୍ରେରିତ ପାଉଲ ଲେଖନ୍ତି, ''ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ' ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା'' (ରୋମୀୟ ୧୨:୧) । ''...........ଏହା ଜାଣି ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲା ପରି ସ୍ୱଚ୍ଛନ୍ଦରେ ସେବା କର'' (ଏଫିସୀ ୬:୮) । ଥୁୟାଥିରା ମଣ୍ଡଳୀକୁ ପ୍ରଭୁ ଯୀଶୁ କହନ୍ତି, ''ଆମ୍ଭେ ତୁମ୍ଭର କର୍ମ, ପ୍ରେମ, ବିଶ୍ୱାସ, ସେବା ଓ ଧୈର୍ଯ୍ୟ ଜାଣୁ, ପୁଣି ତୁମ୍ଭର ବର୍ତ୍ତମାନ କର୍ମ ତୁମ୍ଭର ପୂର୍ବ କର୍ମଗୁଡ଼ିକ ଅପେକ୍ଷା ଯେ ଅଧିକ, ଏହା ମଧ୍ୟ ଜାଣୁ'' (ପ୍ରକା ୧:୧୯)

## (୨) ପ୍ରଶଂସା ଦ୍ୱାରା ଆମ୍ଭେମାନେ ତାହାଙ୍କ ଉପାସନା କରୁ :

ପାଉଲ ଓ ଶୀଲା ବନ୍ଦୀଶାଳାରେ ବନ୍ଦୀ ହେବା ଦୃଶ୍ୟ ବର୍ଣ୍ଣନା କରି ବାକ୍ୟ କହେ, ''କିନ୍ତୁ ପ୍ରାୟ ମଧ୍ୟରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ'' (ପ୍ରେରିତ ୧୬:୨୫) । ସମସ୍ତ ଆଶୀଷର ସହଭାଗୀ ଯେ ଆମ୍ଭେମାନେ ତାହାଙ୍କୁ ନିରନ୍ତର ପ୍ରଶଂସା କରିବା ଶୋଭନୀୟ । ଏବ୍ରୀ ପୁସ୍ତକର କର୍ତ୍ତା ଲେଖନ୍ତି, ''ଏଣୁ ଆସ ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ରୂପବଳୀ, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାର ଓଷ୍ଠାଧାରର ଫଳ ଉତ୍ସର୍ଗ କରୁ ।'' (ଏବ୍ରୀ ୧୩:୧୫) । ପିତରଙ୍କ ଭାଷାରେ, ''ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷା ସିଦ୍ଧ ବିଶ୍ୱାସ, ତାହା ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ଭ୍ରମର କାରଣ ହେବ'' (୧ମ ପିତର ୧:୭) । ''ଯଦି କେହି ପ୍ରଚାର କରେ ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ, କେହି ଯଦି ସେବା କରେ, ତେବେ ସେ ଈଶ୍ୱରଙ୍କ ଠାରୁ ଶକ୍ତିପ୍ରାପ୍ତ ଲୋକ ପରି ସେବା କରୁ, ଯେପରି ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ ଯୁଗେ ଯୁଗେ ଗୌରବ ଓ ପରାକ୍ରମ ତାହା କରେ''ଆମେନ୍ (୧ ପିତର ୪:୧୧) ।

ଆମ୍ଭମାନଙ୍କ ଦୈନିକ ଜୀବନରେ ତଥା ସପ୍ତାହର ପ୍ରଥମ ଦିନରେ ସମ୍ମିଳିତ ହେବା ସମୟରେ ପ୍ରଭୁଙ୍କ ପ୍ରଶଂସା କରିବା ଆବଶ୍ୟକ । ସପ୍ତାହର ପ୍ରଥମ ଦିବସରେ ଉପାସନାରେ ଉପସ୍ଥିତ

ହେବା ଦ୍ୱାରା, ଉପାସନାରେ ଭାଗ ନେବା ଦ୍ୱାରା ଓ ସ୍ତବଗାନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ପ୍ରଶଂସା କରୁ ।

ତାହାଙ୍କ ନାମରେ ଏକତ୍ରିତ ସମାଗମରେଆପଣାକୁ ନ ଉପସ୍ଥିତ କରି କିପରି ତାଙ୍କୁ ପ୍ରଶଂସା କରିପାରିବା ?

## (୩) ସମାଦର ଦ୍ୱାରା ତାହାଙ୍କ ଉପାସନା କରୁ :

ଖ୍ରୀଷ୍ଟ କହିଲେ,''ଯେ ପୁତ୍ରଙ୍କ ସମାଦର କରେ ନାହିଁ ସେ ତାହାଙ୍କର ପ୍ରେରଣକର୍ତ୍ତା ପିତାଙ୍କୁ ମଧ୍ୟ ସମାଦର କରେ ନାହିଁ (ଯୋହନ ୩:୧୩) । ଯୁବକ ତିମଥିଙ୍କୁ ପାଉଲ ଲେଖନ୍ତି - ''ଅକ୍ଷୟ, ଅଦୃଶ୍ୟ, ଅଦ୍ୱିତୀୟ ଈଶ୍ୱର ଯେ ଅନନ୍ତକାଳୀନ ରାଜା, ତାହାଙ୍କ ସମ୍ଭ୍ରମ ଓ ଗୌରବ ଯୁଗେ ଯୁଗେ ହେଉ ଆମେନ୍'' (୧ ତିମଥି ୧:୧୭) । ଯେଉଁ ପରମେଶ୍ୱର ଆମ୍ଭମାନଙ୍କୁ ସମସ୍ତ, ଆଶୀଷ, ଜୀବନର ଆଶା ପ୍ରଦାନ କରନ୍ତି, ସେ ସମସ୍ତ ସମାଦରର ଯୋଗ୍ୟ ଅଟନ୍ତି ।

## (୪) ଗୌରବ ସହ ଆମ୍ଭେମାନେ ତାହାଙ୍କ ଉପାସନା କରୁ :

ଗୌରବାନ୍ୱିତ କରିବାର ଅର୍ଥ ସମ୍ମାନିତ କରିବା, ଉନ୍ନ କରିବା ଓ ପ୍ରଶଂସା କରିବା । ରୋମୀୟ ମଣ୍ଡଳୀକୁ ପାଉଲ କହନ୍ତି,''ଯେପରି ଏକ ଚିତ୍ତରେ ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର'' (ରୋମୀୟ ୧୫:୬) । ''କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ । ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର'' (୧ମ କରିନ୍ଥୀ ୬:୨୦) । ''କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ୟାବୋଧ କରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ'' (୧ ପିତର ୪:୧୬)।

ପ୍ରଭୁ ପରମେଶ୍ୱରଙ୍କ ଉପାସନା କରିବା, ଗୌରବାନ୍ୱିତ କରିବା ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ହେଉ । ତାହାଙ୍କ ଦୃଷ୍ଟିରେ ଆମ୍ଭମାନଙ୍କ ଜୀବନ କ୍ଷଣକେ ଦୃଶ୍ୟ ହୋଇ ଅଦୃଶ୍ୟ ହେବା ବାଷ୍ପ ସଦୃଶ ଆସ ଆମ୍ଭେମାନେ ନମ୍ରତା ସହ ସେହି ମହାନ୍ ପିତା ପରମେଶ୍ୱରଙ୍କ ଉପାସନା କରୁ ।

## (୫) ଭକ୍ତି ସହ ତାହାଙ୍କ ଉପାସନା କରୁ :

ପିତା ପରମେଶ୍ୱର ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ଏବଂ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଅଟନ୍ତି । ଆମ୍ଭମାନଙ୍କୁ ସେମାନଙ୍କ ବାକ୍ୟ, ଭକ୍ତି, ଶ୍ରଦ୍ଧା ଆଜ୍ଞାବହ ହେବା ଆବଶ୍ୟକ ଦାଉଦ ରାଜା କହନ୍ତି,''.............ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ'' (ଗୀତ ୧୧୧:୯) । ''ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ'' (ଏବ୍ରୀ ୧୨:୨୮)

ଶୁଦ୍ଧ, ପବିତ୍ର, ନମ୍ର ଆଜ୍ଞାବହତା ଓ ଧନ୍ୟବାଦ ସହ ତାହାଙ୍କ ଛାମୁକୁ ଆସି ତାହାଙ୍କ ଗ୍ରହଣଯୋଗ୍ୟ ଉପାସନା ଅର୍ପଣ କରୁ । ଏହି ପ୍ରକାରେ ଉପାସନା କରିବା ଦ୍ୱାରା ପାଉଲଙ୍କ କଲସୀ ୪:୧୬ ପଦରେ କଥିତ ବାକ୍ୟ ଆମ୍ଭମାନଙ୍କ ଜୀବନରେ ସଫଳ ହୋଇଥାଏ । ଯାହା କହେ,''ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।''

ପ୍ରଥାନୁଯାୟୀ କିମ୍ବା ବାଧ୍ୟ ବାଧକତା ଯୋଗୁଁ ଉପାସନା ବ୍ୟର୍ଥ ଉପାସନା । ଏହିପରି ଉପାସନା ଆମ୍ଭମାନଙ୍କ ଆତ୍ମା ନିମନ୍ତେ ଫଳପ୍ରଦ ନୁହେ । ଯେଉଁ ଈଶ୍ୱର ସର୍ବଶକ୍ତିମାନ, ସୃଷ୍ଟିକର୍ତ୍ତା ଓ ଆମ୍ଭମାନଙ୍କ ପ୍ରତିପାଳକ ଅଟନ୍ତି, ତାହାଙ୍କର ନମ୍ର ଓ ଭକ୍ତି ସହକାରେ ବର୍ତ୍ତମାନ ଓ ଯୁଗେ ଯୁଗେ ଗୌରବ ହେଉ । ଆସ, ଆମ୍ଭେ ଆତ୍ମା ଓ ସତ୍ୟତାରେ ତାହାଙ୍କ ଉପାସନା କରୁ ।

**- J.C. Chaote**

□□□

# ସପ୍ତାହର ପ୍ରଥମ ଦିନକୁ କାହିଁକି ଖ୍ରୀଷ୍ଟିୟାନମାନେ ଉପାସନାର ଦିନ ରୂପେ ପାଳନ କରନ୍ତି ?

## (Why do Christian worship on the first day of the week ? )

ସପ୍ତାହର ପ୍ରଥମ ଦିବସରେ (ରବିବାର) ଖ୍ରୀଷ୍ଟିୟାନମାନେ ଉପାସନା ନିମନ୍ତେ ଏକତ୍ରିତ ହୁଅନ୍ତି । ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଥିବା ଯୀଶୁଖ୍ରୀଷ୍ଟଙ୍କ ମରଣର ସ୍ମରଣାର୍ଥେ ପ୍ରଭୁଭୋଜରେ ଭାଗ ନିଅନ୍ତି । ପରମେଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବା ସଙ୍ଗେ ସଙ୍ଗେ, ପରମେଶ୍ୱରଙ୍କୁ ପ୍ରାର୍ଥନା ଓ ପ୍ରଶଂସାବଳୀ ଅର୍ପଣ କରାଯାଏ । ଦରିଦ୍ରମାନଙ୍କ ନିମନ୍ତେ ତଥା ସୁସମାଚାରର ପ୍ରଚାର ନିମନ୍ତେ ଚାନ୍ଦା ସଂଗ୍ରହ କରାଯାଏ । ସପ୍ତାହର ପ୍ରଥମ ଦିନରେ ଅର୍ଥାତ୍ ରବିବାରରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକତ୍ରିତ ହୁଏ କାରଣ ସେ ଦିନରେ ଅନେକ ମହୋନ୍ନତ ଘଟଣା ସଂଘଟିତ ହୋଇଥିଲା ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟ ସପ୍ତାହର ପ୍ରଥମ ଦିବସରେ ମୃତ୍ୟୁ ଜୟ କରି ପୁନଃଉତ୍ଥିତ ହୋଇଥିଲେ । ''ସପ୍ତାହର ପ୍ରଥମ ଦିବସ ପ୍ରତ୍ୟୁଷରେ ସେ ପୁନଃରୁତ୍ଥାନ କରି, ଯାହାଙ୍କ ଠାରୁ ସାତ ଭୂତ ଛଡ଼ାଇଥିଲେ, ସେହି ମଗଦଲୀନୀ ମରୀୟମଙ୍କୁ ପ୍ରଥମରେ ଦର୍ଶନ ଦେଲେ ।'' (ମାର୍କ ୧୬:୯, ମାଥିଉ ୨୮:୧-୮, ଲୂକ ୨୪:୧-୧୨, ଯୋହନ ୨୦:୧-୧୦) ଖ୍ରୀଷ୍ଟଙ୍କ

ପୁନଃରୁତ୍ଥାନ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ପ୍ରଧାନ ଘଟଣା । ଏତଦ୍ୱାରା ବିନା ସନ୍ଦେହରେ ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ ହୁଅନ୍ତି । ତାହାଙ୍କ ପୁନଃରୁତ୍ଥାନ, ମନୁଷ୍ୟମାନଙ୍କ ପୁନଃରୁତ୍ଥାନର ଭରସାର କାରଣ ଅଟେ । (୧ମ କରିନ୍ଥୀ ୧ଶ ଅଧ୍ୟାୟ)

ସପ୍ତାହର ପ୍ରଥମ ଦିବସରେ ପବିତ୍ର ଆତ୍ମା ଅବତରଣ କରିଥିଲେ । ''ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହରେ ସର୍ବତ୍ର ବ୍ୟାପୀଗଲା, ଆଉ ଅଗ୍ନିସଦୃଶ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଯେପରି ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।'' (ପ୍ରେରିତ ୨:୧-୪) । ନିସ୍ତାର ପର୍ବର ପଚାଶତମ ଦିବସ 'ପେଣ୍ଟିକଷ୍ଟ' ଦିନରେ ଯିହୂଦୀମାନେ ଏକ ବିଶେଷ ଭୋଜ ପାଳନ କରନ୍ତି । ଏହି ଦିବସ 'ଫସଲର ଭୋଜ' କିମ୍ବା 'ପ୍ରଥମ ଜାତ ଫଳ' ରୂପେ ମଧ୍ୟ ପରିଚିତ ଥିଲା । ନିସ୍ତାର ପର୍ବର ସାତ ସପ୍ତାହ ପରେ ପରେ ପାଳିତ ହେଉଥିବା ଏହି ଦିନ 'ସପ୍ତାହର ପର୍ବ' ରୂପେ ମଧ୍ୟ ନାମିତ ହୋଇଥିଲା । ''ଅନନ୍ତର ସେହି ବିଶ୍ରାମବାରର ପରଦିନ ଠାରୁ ଯେଉଁଦିନ ଦୋଳନୀୟ ନୈବେଦ୍ୟରୂପେ ବିଡ଼ା ଆଣିଲା, ସେହି ଦିନ ଠାରୁ ପୂର୍ଣ୍ଣ ସାତ ସପ୍ତାହ ଗଣନା କରିବା । ଏହିରୂପେ ସପ୍ତମ ବିଶ୍ରାମବାରର ପର ଦିବସ ଯାଏ ପଚାଶ ଦିନ ଗଣନା କରିବ, ଆଉ, ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୂତନ ଭକ୍ଷ୍ୟ-ନୈବେଦ୍ୟ ଉତ୍ସର୍ଗ କରିବ ।'' (ଲେବୀ ୨୩:୧୫,୧୬, ଯାତ୍ରା ୨୩:୧୪-୧୯) ସପ୍ତାହର ସପ୍ତମ ଦିନ ବିଶ୍ରାମବାର ଶନିବାର ହୋଇଥିବାରୁ, ତା'ପରଦିନ ସପ୍ତାହର ପ୍ରଥମ ଦିବସ ଅର୍ଥାତ୍ ରବିବାର ଅଟେ । (ଯାତ୍ରା ୨୦:୯,୧୦)

ସପ୍ତାହର ପ୍ରଥମ ଦିବସରେ ପବିତ୍ର ଆତ୍ମାଙ୍କ ଅବତରଣରେ ମଣ୍ଡଳୀ ସ୍ଥାପିତ ହୋଇଥିଲା । ସେଦିନରେ ପ୍ରଥମ ଥର ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର ଆରମ୍ଭ ହୋଇଥିଲା । ମନୁଷ୍ୟମାନେ ଶ୍ରବଣ କରି, ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲେ । ଏପରିଭାବେ ପରିତ୍ରାଣ ପ୍ରାପ୍ତ ହେବା ପ୍ରତ୍ୟେକ ପ୍ରଭୁଙ୍କ ଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାଇଥିଲେ (ପ୍ରେରିତ ୨:୩୬-୪୭) ଏହି ପ୍ରକାରେ, ମଣ୍ଡଳୀର ପ୍ରାରମ୍ଭ ସପ୍ତାହର ପ୍ରଥମ ଦିବସରେ ହୋଇଥିଲା ।

ପ୍ରଭୁଭୋଜରେ ଭାଗୀ ହେବା ନିମନ୍ତେ ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିବସରେ ଏକତ୍ରିତ ହେଉଥିଲେ । ''ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ । ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହୋଇଥିବାରୁ

ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ ।'' (ପ୍ରେରିତ ୨୦:୭)

''...........ସମ୍ଭବ ହେଲେ ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ପାଉଲ ଉପସ୍ଥିତ ହେବା ପାଇଁ ସେ ଚଞ୍ଚଳ ହେଉଥିଲେ ।'' (ପ୍ରେରିତ ୨୦:୧୬) ଏବଂ ସେ ତତ୍ପରେ ସାତଦିନ ରହିଲେ (୬ମ ପଦ) ଅର୍ଥାତ୍, ସେ ସପ୍ତାହର ପ୍ରଥମ ଦିନରେ ଉପାସନା କରିବା ନିମନ୍ତେ ସାତ ଦିନ ସେଠି ଅପେକ୍ଷା କରିଥିଲେ ।

ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଭାଗୀ ହେବା ସଙ୍ଗେ ସଙ୍ଗେ ଚାନ୍ଦା ସଂଗ୍ରହ କରାଯାଉଥିଲା । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି,''ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।'' (୧ମ କରିନ୍ଥୀ ୧୬:୨) । ଖ୍ରୀଷ୍ଟିୟାନମାନେ, ସପ୍ତାହର ପ୍ରଥମ ଦିବସରେ ଉପାସନାରେ ଏକତ୍ରୀତ ହେବା ନିମନ୍ତେ ଏକକୁ ଆରେକ ଉତ୍ସାହିତ କରନ୍ତି । (ଏବ୍ରୀ ୧୦:୨୫)

ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ,''ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।'' (ମାଥିଉ ୨୮:୧୯-୨୦) ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିବସ ଉପାସନା ଦିବସ ରୂପେ ପାଳନ କରୁଥିବାରୁ, ସେହି ଆଜ୍ଞା ସେମାନେ ପ୍ରେରିତମାନଙ୍କ ଠାରୁ ପ୍ରାପ୍ତ ହୋଇଥିଲେ ବୋଲି ଏହି ବାକ୍ୟରୁ ଜାଣିପାରୁ । ପ୍ରକୃତ ଖ୍ରୀଷ୍ଟଙ୍କର ମଣ୍ଡଳୀ ହେବା ନିମନ୍ତେ ଆମ୍ଭମାନଙ୍କୁ ନୂତନ ନିୟମର ଅନୁସରଣ କରିବା ଆବଶ୍ୟକ ।

## ବିଶ୍ରାମବାରର ପ୍ରଧାନ୍ୟତା :

**"Seventh Day Adventist"** ନାମକ ଏକ ମତଶାଖା, ବିଶ୍ରାମବାରକୁ (ଶନିବାର) ଉପାସନାର ଦିବସ ରୂପେ ପାଳନ କରିବା ଆବଶ୍ୟକ ବୋଲି ଶିକ୍ଷା ଦିଅନ୍ତି । ନୂତନ ନିୟମରେ, ସପ୍ତାହର ପ୍ରଥମ ଦିବସ ପ୍ରଭୁଙ୍କ ଉପାସନା ଦିବସ ବୋଲି ସ୍ୱର୍ଗରେ ଥିବା ସମସ୍ତ ସୂଚନାକୁ ସେମାନେ ନିର୍ଲକ୍ଷ୍ୟ କରନ୍ତି ।

**"Seventh Day Adventist"** ର ସିଦ୍ଧାନ୍ତ ଅନୁସରଣ କରିବା ଲୋକେ,

ବିଶ୍ରାମବାର କେବଳ ଇଶ୍ରାଏଲ ଜାତି ନିମନ୍ତେ ଦତ୍ତ ହେବା ବିଷୟ ଭୁଲିଯାଉଅଛନ୍ତି । କାରଣ ବାକ୍ୟ କହେ, "ତୁମ୍ଭେ ଆହୁରି ଇସ୍ରାଏଲ୍-ସନ୍ତାନଗଣଙ୍କୁ ଏହି କଥା କୁହ, ନିଶ୍ଚୟ ତୁମ୍ଭେମାନେ ଆମ୍ଭର ବିଶ୍ରାମବାର ପାଳନ କରିବ, ଯେହେତୁ ଆମ୍ଭେ ଯେ ତୁମ୍ଭମାନଙ୍କର ପବିତ୍ରକାରୀ ସଦାପ୍ରଭୁ, ଏହା ଯେପରି ତୁମ୍ଭେମାନେ ଜାଣିବ, ଏଥିପାଇଁ ତୁମ୍ଭମାନଙ୍କ ପୁରୁଷାନୁକ୍ରମେ ଆମ୍ଭ ଓ ତୁମ୍ଭମାନଙ୍କ ମଧ୍ୟରେ ତାହା ଏକ ଚିହ୍ନ ହେବ ।" (ଯାତ୍ରା ୩୧:୧୩)

ସିନୟ ପର୍ବତ ଉପରେ ବିଶ୍ରାମବାର ପାଳନର ଆଜ୍ଞା ଇଶ୍ରାଏଲକୁ ଦିଆଯାଇଥିଲା । (ଯାତ୍ରା ୨୦:୮-୧୧) । ଏହା ଦଶ ଆଜ୍ଞା ମଧ୍ୟରୁ ଚତୁର୍ଥ ଆଜ୍ଞା ଇଶ୍ରାଏଲ୍‌ମାନେ ସିନୟ ପର୍ବତ ନିକଟରେ ତମ୍ବୁ ସ୍ଥାପନ କରିବା ସମୟରେ ପିତା ପରମେଶ୍ୱର ସେମାନଙ୍କୁ ଆକାଶରୁ ମାନ୍ନା ଦେଇ ପ୍ରତିପାଳନ କରୁଥିଲେ । ସପ୍ତମ ଦିନରେ ଅର୍ଥାତ୍ ବିଶ୍ରାମ ଦିନରେ ମାନ୍ନା ପ୍ରଦତ୍ତ ନହେବା ହେତୁ, ଷଷ୍ଠ ଦିନରେ ଦ୍ୱିଗୁଣ ମାନ୍ନା ଏକାଠି କରିବା ନିମନ୍ତେ ଇଶ୍ରାଏଲ୍‌ମାନେ ଆଜ୍ଞାପିତ ହୋଇଥିଲେ । (ଯାତ୍ରା ୧୬:୧୧-୩୧) ଶହ ଶହ ବର୍ଷ ପରେ ଏ ବିଷୟରେ ନିହମିୟା କହନ୍ତି, "ମଧ୍ୟ ତୁମ୍ଭେ ସିନୟ ପର୍ବତରୁ ଓହ୍ଲାଇ ଆସି ସ୍ୱର୍ଗରୁ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କଲେ ଓ ସେମାନଙ୍କୁ ଯଥାର୍ଥ ଓ ସତ୍ୟ ବ୍ୟବସ୍ଥା, ଉତ୍ତମ ବିଧି ଓ ଆଜ୍ଞା ପ୍ରଦାନ କଲ, ଆଉ ସେମାନଙ୍କୁ ଆପଣାର ପବିତ୍ର ବିଶ୍ରାମଦିନ ଜ୍ଞାତ କରାଇଲ ଓ ଆପଣା ଦାସ ମୋଶାଙ୍କ ହସ୍ତରେ ସେମାନଙ୍କୁ ଆଜ୍ଞା ଓ ବିଧି ଓ ବ୍ୟବସ୍ଥା ଆଦି ବଶ କଲ ।" (ନିହିମିୟା ୯:୧୩,୧୪)

ସୃଷ୍ଟି ସମୟରେ, ବିଶ୍ରାମବାର ପାଳନର ଆଜ୍ଞା ସଦାପ୍ରଭୁ ଦେଇଥିଲେ ବୋଲି ସେମାନେ ଯୁକ୍ତି କରିଥାନ୍ତି, "ପୁଣି ପରମେଶ୍ୱର ସପ୍ତମ ଦିନକୁ ଆଶୀର୍ବାଦ କରି ପବିତ୍ର କଲେ, ଯେହେତୁ ସେହି ଦିନରେ ପରମେଶ୍ୱର ସୃଷ୍ଟିକରଣ ରୂପ ଆପଣାକୃତ ସମସ୍ତ କାର୍ଯ୍ୟରୁ ବିଶ୍ରାମ କଲେ ।" (ଆଦି ୨:୩) ସମସ୍ତ ବିଷୟ ସୃଷ୍ଟି କରିବା ପରେ ପରମେଶ୍ୱର ବିଶ୍ରାମ କରିବା, କିମ୍ବା ସପ୍ତମ ଦିବସ ପବିତ୍ର କରିବା ବିଷୟରେ କୌଣସି ସନ୍ଦେହ ନାହିଁ କିନ୍ତୁ ସେ କେବେ ସେ ଦିନକୁ ପବିତ୍ର କରିଥିଲେ ? ସୃଷ୍ଟି ସମାପ୍ତ କରିବା ସଙ୍ଗେ ସଙ୍ଗେ ସପ୍ତମ ଦିନକୁ ସେ ପବିତ୍ର କରିଥିଲେ । ତାହାଙ୍କ ଦ୍ୱାରା ପବିତ୍ରୀକୃତ ଏହି ସପ୍ତମ ଦିବସକୁ ଆଦମ, ନୋହ, ଅବ୍ରାହମ ଇସ୍‌ହାକ କିମ୍ବା ଯାକୁବ କାହିଁକି ପାଳନ କରୁନଥିଲେ ? ଇଶ୍ରାଏଲ୍‌ମାନେ ସିନୟ ପର୍ବତ ନିକଟବର୍ତ୍ତୀ ହେବା ପର୍ଯ୍ୟନ୍ତ ବିଶ୍ରାମବାର ପାଳିତ ହେଉନଥିଲା । ବିଶ୍ରାମବାର ପାଳନ କରିବା ନିମନ୍ତେ କେବଳ ଇଶ୍ରାଏଲ୍‌ମାନେ ଆଜ୍ଞାପ୍ରାପ୍ତ ହୋଇଥିଲେ । ବିଶ୍ରାମବାର ପାଳନ କରିବା ନିମନ୍ତେ କୁଳପତିମାନେ ଆଜ୍ଞାପିତ ହୋଇନଥିଲେ କିମ୍ବା ବିଜାତୀୟମାନେ ଏହି ନିୟମାବଦ୍ଧ ନଥିଲେ । ଏହା ଈଶ୍ୱର ଏବଂ ଇଶ୍ରାଏଲ୍ ମଧ୍ୟରେ ଥିବା ନିୟମ ଥିଲା ।

ସପ୍ତମ ଦିନ କେବେ ଠାରୁ ବିଶେଷ ରୂପେ ପାଳନ କରିବା ଆରମ୍ଭ କରାଯାଇଥିଲା ?

ପୁରାତନ ନିୟମର ପ୍ରଥମ ପାଞ୍ଚଟି ପୁସ୍ତକ ମୋଶାଙ୍କ ଦ୍ୱାରା ଲିଖିତ । ସୃଷ୍ଟିର ଅନେକ ବର୍ଷ ପରେ ଲିଖିତ ଏହି ପୁସ୍ତକରେ ମୋଶା, ବିଶ୍ରାମଦିନର ପ୍ରାଧାନ୍ୟତା ବିଷୟରେ ଜଣାଇବା ନିମନ୍ତେ ସୃଷ୍ଟି କରି ସପ୍ତମ ଦିନରେ ପରମେଶ୍ୱର ବିଶ୍ରାମ କରିଥିଲେ ବୋଲି ଜଣାନ୍ତି ।

## ନୂତନ ନିୟମ :

ସିନୟ ପର୍ବତରେ ଇଶ୍ରାଏଲ୍‌ମାନଙ୍କୁ ଦତ୍ତ ଦେଇଥିବା ନିୟମ ଦ୍ୱାରା ଖ୍ରୀଷ୍ଟିୟାନମାନେ ଆବଦ୍ଧ ନୁହଁନ୍ତି । ଏହି ନିୟମ ପ୍ରଚଳନ ଥିବା ସମୟରେ ପୁରାତନ ନିୟମ ଲୋପ କରି ପରମେଶ୍ୱର ଏକ ନୂତନ ନିୟମ ଦେବେ ବୋଲି ଯିରିମିୟ ଭାବବାଣୀ ବ୍ୟକ୍ତ କରିଥିଲେ । (ଯିରିମିୟ ୩୧:୩୧-୩୪) ନୂତନ ନିୟମର ଆବିର୍ଭାବରେ ଯିରିମିୟଙ୍କ ଏହି ଭାବବାଣୀ ସଫଳ ହୋଇଥିଲା ।(ଏବ୍ରୀ ୮:୬-୧୩) । ଇଶ୍ରାଏଲ୍‌କୁ ପରମେଶ୍ୱର ଦେଇଥିବା ନିୟମ ଦ୍ୱାରା ଆମ୍ଭେମାନେ ଆବଦ୍ଧ ନୋହୁଁ କିନ୍ତୁ ଖ୍ରୀଷ୍ଟଙ୍କ ନିୟମ ଆମ୍ଭମାନଙ୍କ ଉପରେ ରାଜତ୍ୱ କରେ । ଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଧାନ ଯାଜକ ଅଟନ୍ତି । (ଏବ୍ରୀ ୪:୧୪-୧୬) । ‘‘କାରଣ ଯାଜକତ୍ୱ ଯଦି ପରିବର୍ତ୍ତିତ ହୁଏ, ତେବେ ବ୍ୟବସ୍ଥାର ମଧ୍ୟ ଅବଶ୍ୟ ପରିବର୍ତ୍ତନଅଟେ ।’’ (ଏବ୍ରୀ ୭:୧୨) । ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁରେ ପୁରାତନ ନିୟମର ଅନ୍ତ ହେଲା ପୁଣି, ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଛନ୍ତି ।’’ (କଲସୀ ୨:୧୪, ଗାଲାତୀ ୩ ଓ ୪ ଅଧ୍ୟାୟ ଏବଂ ୨ କରିନ୍ଥୀ ୩ୟ ଅଧ୍ୟାୟ)

ଯୀଶୁଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥାଧିନ ହୋଇ ଜନ୍ମ ଗ୍ରହଣ କରିଥିଲେ । ସିଦ୍ଧ ଓ ପବିତ୍ର ଯୀଶୁ ସମାଜଗୃହ ଓ ଯିରୁଶାଲମରେ ପରମେଶ୍ୱରଙ୍କ ଉପାସନା କରୁଥିଲେ । ସମାଜଗୃହରେ ଏକତ୍ରିତ ଯିହୂଦୀମାନଙ୍କୁ ଶିକ୍ଷା ଦେବା ନିମନ୍ତେ ପ୍ରେରିତମାନେ ସେଠାରେ ଉପସ୍ଥିତ ହେଉଥିଲେ କିନ୍ତୁ ସେମାନେ ସେଠାରେ ବିଶ୍ରାମବାର ପାଳନ କରୁନଥିଲେ । ସେଠାରେ ଉପସ୍ଥିତ ଯିହୂଦୀମାନଙ୍କୁ ଶିକ୍ଷା ଦେବାର ସୁଯୋଗର ସେମାନେ ସଦ୍‌ବ୍ୟବହାର କରୁଥିଲେ ।

ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ରୂପେ ନିର୍ଦ୍ଦିଷ୍ଟ ହୋଇଅଛି ବୋଲି ବାଇବଲ ବାକ୍ୟରୁ ଜାଣିପାରୁ । ପ୍ରେରିତମାନଙ୍କ ସମୟରେ ମଧ୍ୟ ଏହି ଦିବସ, ଉପାସନାର ଦିବସ ରୂପେ ପାଳିତ ହୋଇଥିଲା । **Constaine** ଙ୍କ ଦ୍ୱାରା ଉପାସନାର ଦିବସ ଶନିବାରରୁ ରବିବାରକୁ ବଦଳିଛି ବୋଲି **"Seventh Day Adventist"** ମାନଙ୍କ ଦାବୀ ସତ୍ୟ ନୁହେଁ । ପରମେଶ୍ୱରଙ୍କ ଉପାସନା କରିବା ନିମନ୍ତେ ରବିବାରକୁ ଏକ ସରକାରୀ ଛୁଟି ଦିବସ ରୂପେ **Constaine** ପ୍ରକଟ କରିଥିଲେ ।

ଯେଉଁମାନେ ଶନିବାରକୁ ଉପାସନାର ଦିବସ ରୂପେ ପାଳନ କରୁଅଛନ୍ତି, ସେମାନେ ସତ୍ୟ ଉପାସନା କରୁନାହାନ୍ତି । ଯୀଶୁଖ୍ରୀଷ୍ଟଙ୍କ ସତ୍ୟ ଅନୁଚରମାନେ ତାହାଙ୍କୁ ସପ୍ତାହର ପ୍ରଥମ ଦିବସରେ ଉପାସନା କରନ୍ତି ।

**- Washington Odhiambo**

# ଖ୍ରୀଷ୍ଟିୟାନ ଜୀବନ ଓ ପରୀକ୍ଷା

## (Christianity and Trials)

"ହେ ମୋହର ଭାଇମାନେ, ତୁମ୍ଭେମାନେ ଯେତେବେଳେ ନାନା ପ୍ରକାର ପରୀକ୍ଷାରେ ପରୀକ୍ଷା ସିଦ୍ଧ ହୁଅ, ସେତେବେଳେ ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର । ପରୀକ୍ଷା ସିଦ୍ଧ ବିଶ୍ୱାସ ଯେ, ଧୈର୍ଯ୍ୟ ଉତ୍ପନ୍ନ କରେ, ଏହା ତ' ଜାଣିଅଛ । ଆଉ, ତୁମ୍ଭେମାନେ ଯେପରି କୌଣସି ବିଷୟରେ ଊଣା ନ ପଡ଼ି ସିଦ୍ଧ ଓ ସମ୍ପୂର୍ଣ୍ଣ ହୁଅ, ଏଥିପାଇଁ ଧୈର୍ଯ୍ୟ ସମ୍ପୂର୍ଣ୍ଣରୂପେ କାର୍ଯ୍ୟସାଧନ କରୁ । କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ । କିନ୍ତୁ ସେ ସନ୍ଦେହ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି। ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ । କିନ୍ତୁ ସେ କିଛିମାତ୍ର ସନ୍ଦେହ ନ କରି ବିଶ୍ୱାସ ସହ ପ୍ରାର୍ଥନା କରୁ, କାରଣ ଯେ ସନ୍ଦେହ କରେ, ସେ ବାୟୁରେ ଇତଃସ୍ତତଃ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ୍ୟ । ସେପରି ଲୋକ କିଛି ପାଇବ ବୋଲି ମନେ ନ କରୁ । ସେ ତ' ଦ୍ୱିମନା ଲୋକ, ଆପଣାର ସମସ୍ତ ଗତିରେ ଅସ୍ଥିର ।" (ଯାକୁବ ୧:୨-୮) । ଖ୍ରୀଷ୍ଟିୟାନ ଜୀବନର ପରୀକ୍ଷା ଓ ତାହାର ଫଳାଫଳ ବିଷୟରେ ଏହି ବାକ୍ୟରେ ପଢ଼ିପାରୁ ।

(୧) "......... ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର ।" ପରୀକ୍ଷାରେ ବିଜୟ ହାସଲ କଲେ ଆମ୍ଭେମାନେ ଏହି ବିଶେଷ ଆନନ୍ଦ ଲାଭ କରିଥାଉଁ । ଉର୍ଦ୍ଧ୍ୱଦୃଷ୍ଟି ରଖି ବିଶ୍ୱସ୍ତ ଜୀବନ କରିବା ଦ୍ୱାରା ଆମ୍ଭେମାନେ ବିଜୟ ହାସଲ କରିପାରୁ । (ଏବ୍ରୀ ୨:୯)

(୨) "..........ଏଥିପାଇଁ ଧୈର୍ଯ୍ୟ ସମ୍ପୂର୍ଣ୍ଣରୂପେ କାର୍ଯ୍ୟସାଧନ କରୁ ।" ଧୈର୍ଯ୍ୟ ଅର୍ଥାତ୍ ଦୃଢ଼ ସଂକଳ୍ପରୁ ଅବିଚଳିତ ହୋଇରହିବା । ଏକନିଷ୍ଠ ଭାବେ ପରମେଶ୍ୱରଙ୍କ ସେବା କରିବାର ଅର୍ଥ ଧୈର୍ଯ୍ୟ ସମ୍ପୂର୍ଣ୍ଣରୂପେ କାର୍ଯ୍ୟ କରିବା । ଧୈର୍ଯ୍ୟ ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣତା ଲାଭ କରିବାରେ ସାହାଯ୍ୟ କରେ ।

''ଅଜ୍ଞାନୀ, ପରମେଶ୍ୱରଙ୍କ ଠାରେ, ଜ୍ଞାନ ନିମନ୍ତେ ପ୍ରାର୍ଥନା କରୁ ।'' ପରୀକ୍ଷା ସହ୍ୟ କରିବା ନିମନ୍ତେ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ନିକଟରେ ଜ୍ଞାନ ନିମନ୍ତେ ପ୍ରାର୍ଥନା କରୁ ।'' ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ ତାହା ଛାଡ଼ । ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ, କିନ୍ତୁ ଈଶ୍ୱର ବିଶ୍ୱାସ୍ୟ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର । ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ, ମଧ୍ୟ ପ୍ରସ୍ତୁତ କରିବେ ।'' (୧ମ କରିନ୍ଥୀ ୧୦:୧୩)

''..........ସନ୍ଦେହ ନକରି ବିଶ୍ୱାସ ସହ ପ୍ରାର୍ଥନା କରୁ ।'' ''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକଙ୍କର ବିଶ୍ୱାସ କରିବା ଆବଶ୍ୟକ ।'' (ଏବ୍ରୀ ୧୧:୬) ପରୀକ୍ଷା ଆପଣାକୁ ଈଶ୍ୱରଙ୍କ ପ୍ରେମ ଓ ଯତ୍ନରେ ସନ୍ଦେହ ନ କରାଉ । ଯାହା ଆମ୍ଭମାନଙ୍କ ନିମନ୍ତେ ଉତ୍ତମ ଓ ଆଶୀର୍ବାଦଦାୟକ ତାହା ପରମେଶ୍ୱର ତାହାଙ୍କ ଅପାର ପ୍ରେମ ଓ କୃପାରେ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି ।

ଯେଉଁମାନେ ବିନା ପରୀକ୍ଷାରେ ପରମେଶ୍ୱରଙ୍କ ନିକଟବର୍ତ୍ତୀ ସେମାନେ ଅସ୍ଥିର ଓ ଦ୍ୱିମନା । ପରୀକ୍ଷାରୁ ବିଜୟୀ ହୋଇ ପରମେଶ୍ୱରଙ୍କ ଠାରେ ଦୃଢ଼ରୂପେ ଖଞ୍ଜିତ ଲୋକେ ପାଉଲଙ୍କ ସଦୃଶ୍ୟ ଏହି ବାକ୍ୟ କହିବାରେ ସକ୍ଷମ ହୁଅନ୍ତି । ''ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ । (ଫିଲିପି ୪:୧୯) ପରୀକ୍ଷା ତ ନିଶ୍ଚେ ଆସିବ, କିନ୍ତୁ ସେହି ପରୀକ୍ଷାରେ ଆମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରେମ, ସାହାଯ୍ୟ, ଆଶୀଷ ଦ୍ୱାରା ନିଶ୍ଚୟ ବିଜୟ ହାସଲ କରିବା । ସେହି ବିଜୟ ହିଁ ମନୁଷ୍ୟର ବିଶେଷ ଆନନ୍ଦର ବିଷୟ ଅଟେ ।''

- Charles Box

❑❑❑

# ଏହି ସଂସାର

## (This World)

ଈଶ୍ୱରଙ୍କ ସନ୍ତାନ ସହିତ 'ଏହି ସଂସାର'ର କୌଣସି ସମ୍ବନ୍ଧ ନାହିଁ । ଈଶ୍ୱରଙ୍କ ସନ୍ତାନମାନେ ଜାଗତିକ ବିଷୟରେ ଆସକ୍ତ ହେବା ଦୁଃଖକର ବିଷୟ । ସାଂସାରିକ ଜୀବନ ଓ ଖ୍ରୀଷ୍ଟିୟାନ ଜୀବନ ଏକାଠି ବାସ କରିବା ଅସମ୍ଭବ । ପ୍ରେରିତ ଯୋହନଙ୍କ ଭାଷାରେ, ''ସଂସାର କିମ୍ବା ସେଥିରେ ଥିବା

ବିଷୟସବୁକୁ ପ୍ରେମ ନକର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ ମାତ୍ର ସଂସାରରୁ ଉତ୍ପନ୍ନହୋଇଥାଏ । ପୁଣି, ସଂସାର ଓ ସେଥିର ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ ।'' (୧ମ ଯୋହନ ୨:୧୫-୧୭)

ଏହି ସଂସାରର ମୋହମାୟାରୁ ଆପଣାକୁ ପୃଥକ୍ ରଖିବା କଷ୍ଟକର । (୧ମ ପିତର ୫:୮) ଜାଗତିକ ଅଭିଳାଷ, ଶାରୀରିକ ଅଭିଳାଷ ବିଷୟରେ ସବୁବେଳେ ଜାଗ୍ରତ ରହିବା ନିମନ୍ତେ ବାକ୍ୟ ଆମ୍ଭମାନଙ୍କୁ ସତର୍କ କରାଏ । ରହିବା ନିମନ୍ତେ ବାକ୍ୟ ଆମ୍ଭମାନଙ୍କୁ ସତର୍କ କରାଏ ।

ଏହି ସଂସାରର ପ୍ରଭାବ ବିପଦଜନକ । ସଂସାରସ୍ଥ ମୋହମାୟା, ଦୁଃଖକଷ୍ଟ ପ୍ରତ୍ୟେକ ମନୁଷ୍ୟକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁକରି କୌଣସି ବିଷୟ ଗ୍ରହଣ କରି ଅନୁସରଣ କରିବା ପୂର୍ବେ ପରୀକ୍ଷା କରିବା ଆବଶ୍ୟକ । ବାକ୍ୟ କହେ, ''ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମାଇ ।'' (ହିତ ୪:୧୮) ସାଂସାରିକ ଅଭିଳାଷକୁ ହୃଦୟରେ ସ୍ଥାନ ଦେବା ଆତ୍ମିକ ଜୀବନକୁ କ୍ଷତିକାରକ ଅଟେ ।

ବୀଜବପନର ଦୃଷ୍ଟାନ୍ତରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ସଂସାରର ପ୍ରଭାବର ପ୍ରତିଫଳ ବୁଝାଇ ଦିଅନ୍ତି ।''ଆଉ ଯେଉଁମାନେ ବାକ୍ୟ ଶୁଣନ୍ତି, ପୁଣି ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପି ପକାଏ ଓ ତାହା ଫଳହୀନ ହୁଏ, ସେହି ଅନ୍ୟ ପ୍ରକାର ଲୋକେ ବୁଣା ଯାଇଥିବା କଣ୍ଟକମୟ ଭୂମି ସଦୃଶ୍ୟ ।'' (ମାର୍କ ୪:୧୮-୧୯) ସାଂସାରିକ ପ୍ରଭାବ ମନୁଷ୍ୟର ଆତ୍ମିକ ଜୀବନର ଫଳଶୂନ୍ୟ କରେ ।

''ସଂସାରକୁ ପ୍ରେମ କରି'' ପାଉଲଙ୍କୁ ପରିତ୍ୟାଗ କରି ଥିବା ଦୀମାଙ୍କ ଜୀବନରେ ଏହା ପ୍ରତିଫଳିତ ହୁଏ । (୨ ତୀମଥି ୪:୧୦) ଯେଉଁମାନେ ଆତ୍ମିକ ଜୀବନ ଅବହେଳା କରି ସଂସାରର ଅଭିଳାଷ ପ୍ରତି ଆସକ୍ତ ହୁଅନ୍ତି ସେମାନଙ୍କ ପ୍ରତ୍ୟେକ ଦଶା ଦୀମାଙ୍କ ସଦୃଶ୍ୟ ଘଟେ । ଯେଉଁ ଯୁବକ ଯୁବତୀମାନେ ସଂସାରର ଅଭିଳାଷରେ ଆସକ୍ତ ସେମାନେ ଅସାର ଓ ବିନାଶର ମାର୍ଗରେ ଗମନ କରୁଅଛନ୍ତି । ସଂସାରର ପ୍ରଭାବ କେତେ ଭୟଙ୍କର !

ସଂସାରର ଜ୍ଞାନ ବ୍ୟର୍ଥ ଅଟେ - ଆଜି ମନୁଷ୍ୟ ପରମେଶ୍ୱରଙ୍କ ଠାରୁ ଆପଣାକୁ ଅଧିକ ଜ୍ଞାନୀ ମନେ କରେ । ବିଗତ କାଳରେ କାଳରେ ଧର୍ମନିଷ୍ଠା ଜୀବନ ଧିରେ ଧିରେକ୍ଷୟ ପାଉଅଛି । ମନୁଷ୍ୟ ଆପଣା ଜ୍ଞାନ ଉପରେ ନିର୍ଭର କରୁଅଛି । ମନୁଷ୍ୟର ଜ୍ଞାନ ଦ୍ୱାରା ଏହି ଜଗତରେ ବିଳାସତା,

ପାରଦାରିକତା, ବ୍ୟଭିଚାର, ଭଗ୍ନ ପରିବାର ପ୍ରଭୃତି ସମସ୍ୟାର ବୃଦ୍ଧି ପାଉଅଛି । ଏମାନଙ୍କ ବିଷୟରେ ବାଇବଲ କହେ, "................ନିଜ ନିଜକୁ ଜ୍ଞାନୀ ବୋଲି ମନେ କରି ସେମାନେ ମୂର୍ଖ ହେଲେ..........।" (ରୋମୀୟ ୧:୨୨) "..............ସେ ଜ୍ଞାନୀମାନଙ୍କ ସେମାନଙ୍କର ମୂର୍ଖତାରେ ଧରନ୍ତି, ପୁନଶ୍ଚ ଜ୍ଞାନୀମାନଙ୍କର ତର୍କବିତର୍କ ଅସାର ବୋଲି ପ୍ରଭୁ ଜାଣନ୍ତି ।" (୧ମ କରିନ୍ଥୀ ୩:୧୮-୧୯) ତେଣୁକରି ଈଶ୍ୱର ଏହି ଜଗତର ଜ୍ଞାନକୁ ମୂର୍ଖତା ବୋଲି ପ୍ରକାଶ କରିଅଛନ୍ତି । ସାଂସାରିକ ଜ୍ଞାନର ତିକ୍ତତା ଆମ୍ଭମାନଙ୍କ ଜୀବନ ବିନଷ୍ଟ ନ କରୁ । ମନୁଷ୍ୟର ଜ୍ଞାନ ଉପରେ ନିର୍ଭର କରିବା ନିଶ୍ଚୟ ମୂର୍ଖତାର ବିଷୟ ।

ସଂସାରର ଶେଷ ଦଶା ଈଶ୍ୱରଙ୍କ ଠାରୁ କ୍ରୋଧ - ପାପରୁ ଜାତ ବିନାଶ ହତ୍ୟା, ଯୁଦ୍ଧ, କଳହ ଦ୍ୱାରା ଆମ୍ଭମାନଙ୍କ ଦୈନିକ ଜୀବନରେ ପ୍ରତିଫଳିତ ହୋଇଥାଏ । କାରଣ ପାପର ବେତନ ମୃତ୍ୟୁ । ପରମେଶ୍ୱରଙ୍କ ବିରୁଦ୍ଧୀ ପ୍ରତ୍ୟେକ ନିମନ୍ତେ ମୃତ୍ୟୁ ସୁନିଶ୍ଚିତ । "କେହି ତୁମ୍ଭମାନଙ୍କୁ ଅସାର କଥାରେ ନ ଭୁଲାଉ, କାରଣ ଏହି ସମସ୍ତ କୁକର୍ମ ହେତୁ ଅନାଜ୍ଞାବହ ସନ୍ତାନମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତେ ।" (ଏଫିସୀ ୫:୬-୭)

ଜାଗ୍ରତ ହେବାର ସମୟ ଉପସ୍ଥିତ ବୋଲି ଏହି ଜଗତ ଜାଣିବା ଅତ୍ୟାବଶ୍ୟକ । ଆଗାମୀ ବିନାଶ ବିଷୟରେ ଖ୍ରୀଷ୍ଟିୟାନ ବିନୁ କିଏ ଏହି ଜଗତକୁ ସତର୍କ କରିପାରିବ ? ଜଗତର ପ୍ରଭାବ, ଜଗତର ଜ୍ଞାନ ଓ ଜଗତର ଗତିବିଧି ମନୁଷ୍ୟ ଜୀବନର କଣ୍ଟକ ସ୍ୱରୂପ । ଏହି ସବୁ ବିଷୟରେ ବିଜୟୀ ପ୍ରକୃତରେ ବିଜୟୀ ଅଟେ ।

**- Jerri Manasco**

❑❑❑

# ମହାନ୍ ଜୀବନର ରହସ୍ୟ

## (The Secret of Great Life)

ପ୍ରେରିତ ପାଉଲ ଜଣେ ମହାନ୍ ବ୍ୟକ୍ତି । ସେ କେବଳ ମନୁଷ୍ୟମାନଙ୍କ ଦୃଷ୍ଟିରେ ନୁହେଁ, କିନ୍ତୁ ସର୍ବପରିଶ୍ରେଷ୍ଠ ପବିତ୍ର ପିତାଙ୍କ ଦୃଷ୍ଟିରେ ସେ ମହାନ୍ ଥିଲେ । ସର୍ବଶକ୍ତିମାନଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରିବା ହିଁ ମନୁଷ୍ୟ ଜୀବନର ପ୍ରକୃତ ମହାନତା । ସର୍ବ ସାଧାରଣ, ସାଧାରଣ ଜୀବନଯାପନ କରୁଥିବା ସମୟରେ, ମହାନ୍ ବ୍ୟକ୍ତିମାନଙ୍କ ଜୀବନର ରହସ୍ୟ କ'ଣ ?

ପରମେଶ୍ୱରଙ୍କ ଓ ଖ୍ରୀଷ୍ଟିୟାନମାନଙ୍କ ଦୃଷ୍ଟିରେ ମହନତା ହାସଲ କରିଥିବା ପାଉଲଙ୍କ

ଜୀବନର ଅନେକ କାରଣ ଅଛି । ପାଉଲ ଆପଣା ପଶ୍ଚାଦ୍ ଜୀବନ ଭୂଲି ସେ ଏକ ନୂତନ ଜୀବନଯାପନ କରୁଥିଲେ । ଅନେକ ଆପଣା ପୂର୍ବଜୀବନ ନ ଭୂଲି, ଆପଣା ବର୍ତ୍ତମାନ  ଜୀବନ ନିରର୍ଥକ କରନ୍ତି । ସୁସମାଚାରର ପ୍ରଚାର କାର୍ଯ୍ୟରେ ପାଉଲ ଆପଣା ସମସ୍ତ ସମୟ ବ୍ୟୟ କରୁଥିଲେ । ସେ ତମ୍ବୁ ନିର୍ମାଣ କରି ଆପଣାର ଓ ଆପଣା ସାଥିମାନଙ୍କ ଶାରୀରିକ ଆବଶ୍ୟକତା ପୂରଣ କରୁଥିଲେ ।

ଖ୍ରୀଷ୍ଟଙ୍କ ସୁସମାଚାର କାର୍ଯ୍ୟ ନିମନ୍ତେ ସେ ଅନେକ ଯାତନା ସହ୍ୟ କରିଥିଲେ । ଅପରିମିତ ପ୍ରହାର, ପାଞ୍ଚଥର ଉଣଚାଳିଶ ପ୍ରହାର, ତିନିଥର ବେତ୍ରାଘାତ, ଥରେ ପ୍ରସ୍ତାର ଘାତ, ତିନିଥର ଜାହାଜଭଙ୍ଗା ଏପରି ଅନେକ ଦୁଃଖ, କଷ୍ଟ ସହି ସେ ସୁସମାଚାର ପ୍ରଚାର କରିଥିଲେ ।

ଖ୍ରୀଷ୍ଟଙ୍କ ସୁସମାଚାର ନିମନ୍ତେ ସେ ଅନେକ ଥର କାରାଗାରରେ ନିକ୍ଷିପ୍ତ ହୋଇଥିଲେ । ଲୁସ୍ତ୍ରା ସହରରେ ଅବିଶ୍ୱାସୀ ଯିହୂଦୀମାନେ ତାହାଙ୍କ ବିରୁଦ୍ଧରେ ଜନତାକୁ ଭୂଲାଇ, ତାହାଙ୍କୁ ମୃତ ବୋଲି ଭାବି ନଗର ବାହାରକୁ ଓଟାରି ନେଇଥିଲେ । ତାହାଙ୍କ ଶିଷ୍ୟମାନେ ତାହାଙ୍କ ଚାରିଆଡ଼େ ଘେରିରହି ତାହାଙ୍କ ଜୀବନ ରକ୍ଷା କରିଥିଲେ । ଏତେ ବଡ଼ ଘଟଣା ମନରୁ ପୋଛି, ପ୍ରଭୁଙ୍କ କାର୍ଯ୍ୟରେ ଆଗେଇ ଯିବା ତାହାଙ୍କ ମହନତା ପ୍ରକାଶ କରେ ।

ପାଉଲଙ୍କ ସଦୃଶ୍ୟ ଅନେକ ଆପଣା ପୂର୍ବଜୀବନ ନ ପାସୋରି ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ପରମେଶ୍ୱରଙ୍କ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଦୁଃଖ, କଷ୍ଟ, ଯାତନା, ଆଶୀର୍ବାଦରେ ପରିଣତ ହୁଏ । ପାଉଲ କହନ୍ତି,''ହେ, ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁନାହିଁ, କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାଦ୍ ବିଷୟଗୁଡ଼ିକ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟିରଖି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନ ର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥାନକୁ ଦୌଡ଼ୁଅଛି ।'' (ଫିଲିପ ୩:୧୩-୧୪)

**- David Macy**

❑❑❑

# ଆୟୁବଙ୍କ ଜୀବନୀରୁ
## (Learning from Job)

ପୁରାତନ ନିୟମର ଆୟୁବଙ୍କ ଚରିତ୍ର ଶତାବ୍ଦୀ ଧରି ମାନବଜାତିକୁ ପ୍ରଭାବିତ କରି ଆସୁଛି । ଅନେକ କ୍ଲେଶ, ପୀଡ଼ା ସତ୍ତ୍ୱେ ତାହାଙ୍କ ବିଶ୍ୱସ୍ତ ଜୀବନ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରେ । ତାହାଙ୍କ ପରିବାର, ବନ୍ଧୁବର୍ଗ ତାହାଙ୍କୁ ପରିତ୍ୟାଗ କଲେ ସୁଦ୍ଧା ତାହାଙ୍କ ବିଶ୍ୱାସ ଅଟଳ ରହିଥିଲା । ଆୟୁବ ସିଦ୍ଧ, ସରଳ ଓ ପରମେଶ୍ୱର ଭୟକାରୀ ଓ କୁକ୍ରିୟାତ୍ୟାଗୀ ଥିଲେ ବୋଲି ପବିତ୍ର ଆତ୍ମା ତାହାଙ୍କ ବିଷୟ ସାକ୍ଷ୍ୟ ଦିଅନ୍ତି । (ଆୟୁବ ୧:୧, ୮,୨:୩) ଅତିଶୟ କ୍ଲେଶ ଓ ପୀଡ଼ା ମାଧ୍ୟମରେ ତାହାଙ୍କ ଧୈର୍ଯ୍ୟ ଓ ସହନଶୀଳତା ସୁପ୍ରକାଶ ପାଏ । ତାହାଙ୍କ ସହନଶୀଳତା ବ୍ୟତୀତ ତାହାଙ୍କ ଜୀବନୀରୁ ଆମ୍ଭେମାନେ ଅନେକ ବିଷୟ ଶିକ୍ଷା କରିଥାଉ ।

## ଧନବାନମାନେ ମଧ୍ୟ ଈଶ୍ୱରଙ୍କ ସେବା କରନ୍ତି :

ଧନବାନମାନେ ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେଲେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାକୁ ସୁଯୋଗ ପ୍ରାପ୍ତ ହୁଅନ୍ତି । ଧନସମ୍ପଦ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଉପରେ ନିର୍ଭର ରଖିବାରେ ବିଘ୍ନର କାରଣ ହୋଇଥାଏ । କିନ୍ତୁ ଧନବାନ୍‌ମାନେ ପରମେଶ୍ୱରଙ୍କ ଠାରେ ନିର୍ଭର ରଖନ୍ତି ନାହିଁ ବୋଲି ଏହାର ଅର୍ଥ ନୁହେଁ । କାରଣ ପାଉଲଙ୍କ ଅନୁଯାୟୀ ପରମେଶ୍ୱର "............ଭୋଗ ନିମନ୍ତେ ସକଳ ବିଷୟ ପ୍ରଚୁର ରୂପେ ଆମ୍ଭମାନଙ୍କୁ ଦାନ କରନ୍ତି ..........." (୨ ତୀମଥି ୬:୧୭)

ଇହକାଳରେ ଧନୀମାନେ ଯେପରି ଅହଂକାରୀ ନ ହୋଇ, ଅସ୍ଥାୟୀ ଧନ ଉପରେ ନିର୍ଭର ନ କରିବା ନିମନ୍ତେ ପାଉଲ ସତର୍କ କରନ୍ତି । "ପୁଣି ପରୋପକାର କରି ସମସ୍ତ ସତ୍କର୍ମରେ ଧନୀ ହୁଅନ୍ତି, ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥି ନିମନ୍ତେ ସେମାନଙ୍କ ଆଜ୍ଞା ଦିଅ ।" (୨ୟ ତୀମଥି ୬:୧୮) । ଧନ ସମ୍ପଦ ମନୁଷ୍ୟ ଜୀବନକୁ ନଷ୍ଟ କରେ ନାହିଁ, କିନ୍ତୁ ଧନ ସମ୍ପଦ ଜାତ ଭୋଗବିଳାସ ଓ ଅଭିଳାଷ ମନୁଷ୍ୟ ଜୀବନକୁ ନଷ୍ଟ କରେ । ପ୍ରାଚୁର୍ଯ୍ୟତାରେ ମଧ୍ୟ ଆୟୁବ ପରମେଶ୍ୱରଙ୍କୁ କେବେ ହେଁ ପାସୋରିନଥିଲେ ।

## ଧାର୍ମିକମାନଙ୍କୁ ପରୀକ୍ଷା ଆସିବ :

ଧାର୍ମିକ ଆୟୁବ ପରୀକ୍ଷାରୁ ବଞ୍ଚିତ ନଥିଲେ । ଶୟତାନ ଠାରେ ମୁଖାପେକ୍ଷା ନାହିଁ । ସେ ସମସ୍ତଙ୍କୁ ପରୀକ୍ଷା କରେ । ବାସ୍ତବରେ ଯେଉଁମାନେ ତାହାର ବଶରେ ଥା'ନ୍ତି, ସେମାନଙ୍କୁ ସେ ପରୀକ୍ଷା କରିବା ଆବଶ୍ୟକ ମନେ କରେ ନାହିଁ । ଯେଉଁମାନେ ତାହାର ବଶତା ଅସ୍ୱୀକାର କରନ୍ତି, ସେମାନଙ୍କୁ ଆପଣା ଜାଲରେ ଫସାଇବାକୁ ସେ ସଦା ଚେଷ୍ଟିତ । (୨ ତୀମଥି ୩:୨୬) । କ୍ଲେଶ ସମୟରେ

ଶୟତାନ ମନୁଷ୍ୟଙ୍କୁ ପରୀକ୍ଷା କରିଥାଏ, ଯେପରି ସେମାନେ ସହଜରେ ପରମେଶ୍ୱରଙ୍କ ଠାରୁ ବିମୁଖ ହୁଅନ୍ତି । ଆୟୁବଙ୍କ ଅତିଶୟ ପୀଡ଼ା ସମୟରେ ତାହାଙ୍କ ଭାର୍ଯ୍ୟା କହିଲା, "...........ତୁମ୍ଭେ କି ଏଯାଏ ଆପଣା ସରଳତା ଦୃଢ଼ କରି ଧରୁଅଛ ? ପରମେଶ୍ୱରଙ୍କୁ ପରିତ୍ୟାଗ କରି ମର । ସେ ତାହାଙ୍କୁ କହିଲା, ତୁମ୍ଭେ ଏକ ମୂଢ଼ା ସ୍ତ୍ରୀ ପରି କଥା କହୁଅଛ ! କ'ଣ ? ଆମ୍ଭେମାନେ କି ପରମେଶ୍ୱରଙ୍କ ହସ୍ତରୁ ମଙ୍ଗଳ ଗ୍ରହଣ କରିବା ? ଆଉ, ଅମଙ୍ଗଳ କ'ଣ ଗ୍ରହଣ କରିବା ନାହିଁ ? ଏସବୁରେ ଆୟୁବ ଆପଣା ଓଷ୍ଠରେ ପାପ କଲା ନାହିଁ । " (ଆୟୁବ ୨:୯,୧୦)

## ପରମେଶ୍ୱରଙ୍କ ବିଷୟରେ ଅନେକ ସତ୍ୟତା :

ଆୟୁବଙ୍କ ପୁସ୍ତକରୁ ପରମେଶ୍ୱରଙ୍କ ବିଷୟରେ ଅନେକ ସତ୍ୟତା ଜାଣିପାରିବା । (ଆୟୁବ ୧:୮) ଯେଉଁମାନେ ପରମେଶ୍ୱରଙ୍କ ସେବା କରନ୍ତି, ପରମେଶ୍ୱର ସେମାନଙ୍କୁ ଜାଣନ୍ତି । ତାହା କେବଳ ନୁହେଁ, ଯେଉଁମାନେ ତାହାଙ୍କ ସେବା କରନ୍ତି ସେ ସେମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି । ସେ ଆୟୁବଙ୍କ ବିନତି ଶ୍ରବଣ କରିଥିଲେ । ସେ ଆମ୍ଭମାନଙ୍କ ବିନତି ଶ୍ରବଣ କରନ୍ତି ଏବଂ ଏହି ଯୁଗାନ୍ତ ସମୟରେ ସେ ଆପଣା ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । (ଏବ୍ରୀ ୧:୧,୨)

୪୨ତମ ଅଧ୍ୟାୟର ୧:୬ ପଦରୁ ଆମ୍ଭେମାନେ କିପରି ପରମେଶ୍ୱରଙ୍କ ଠାରେ ବିନତି କରିବା ଆବଶ୍ୟକ ଜାଣିପାରୁ । ପରମେଶ୍ୱର ଆପଣା କାର୍ଯ୍ୟ ମନୁଷ୍ୟମାନଙ୍କ ଦ୍ୱାରା ସାଧନ କରନ୍ତି ବୋଲି ଏହି ପୁସ୍ତକ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରେ । ଆୟୁବଙ୍କ ମିତ୍ରମାନଙ୍କ ସାନ୍ତ୍ୱନା ବାକ୍ୟ ପରମେଶ୍ୱର ଦୃଷ୍ଟିରେ ତୁଷ୍ଟ ନଥିଲା । ପରମେଶ୍ୱର ସେମାନଙ୍କ ନିମନ୍ତେ ଆୟୁବଙ୍କ ପ୍ରାର୍ଥନା କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ସେ ଆଜି ମଧ୍ୟ ସେହିପରିଭାବେ କାର୍ଯ୍ୟ କରୁଅଛନ୍ତି ।

ମନୁଷ୍ୟମାନେ କ୍ଳେଶ ଓ ପୀଡ଼ା ଦ୍ୱାରା ପରୀକ୍ଷିତ ହୋଇ ବିଶ୍ୱାସରେ ବୃଦ୍ଧିପାଇବା ପରମେଶ୍ୱରଙ୍କ ଯୋଜନା ଅଟେ ବୋଲି ଏହି ପୁସ୍ତକ ଆମ୍ଭମାନଙ୍କୁ ଶିକ୍ଷା ଦିଏ । ଅତିଶୟ କ୍ଳେଶ ଓ ପୀଡ଼ାରେ ପରୀକ୍ଷିତ ହୋଇ ବିଜୟୀ ହୋଇଥିବା ଆୟୁବଙ୍କୁ ସଦାପ୍ରଭୁ ପରମେଶ୍ୱର ଦ୍ୱିଗୁଣ ଆଶୀର୍ବାଦ କରିଥିଲେ ।

## ଶୟତାନ ବିଷୟକ ସତ୍ୟତା :

ଏହି ପୁସ୍ତକରୁ ଆମ୍ଭେମାନେ ଶୟତାନ ବିଷୟରେ ଅନେକ ବିଷୟ ଜାଣିଥାଉ । ଆୟୁବଙ୍କ ବିଶ୍ୱସ୍ତତା କିମ୍ବା ଧାର୍ମିକତା ଶୟତାନର ପରୀକ୍ଷାରୁ ଆୟୁବଙ୍କୁ ବଞ୍ଚିତ କରିପାରିନଥିଲା । ଶୟତାନର କାର୍ଯ୍ୟକଳାପ ସୀମିତ । ପରମେଶ୍ୱରଙ୍କ ନିରୂପିତ ସୀମାରୁ ଅତୀବ ସେ ଆମ୍ଭମାନଙ୍କୁ କଷ୍ଟ ଦେଇପାରେ ନାହିଁ । (ଆୟୁବ ୧:୧୨, ୨:୬) ଶୟତାନର କାର୍ଯ୍ୟ କ୍ରୁର ଓ କଠୋର । (୧:୭, ୧୩-୨୨) କାହାକୁ ଗ୍ରାସ କରିବ ବୋଲି ସେ ଖୋଜି ବୁଲୁଥାଏ । (୧ମ ପିତର ୫:୮) ତାହାର କାର୍ଯ୍ୟ ଦ୍ୱାରା

ମନୁଷ୍ୟ ଯେତେ ବି କ୍ଷତିଗ୍ରସ୍ତ ହେଉ ନା କାହିଁକି, ସେ ଖାତିର କରେ ନାହିଁ । ପରମେଶ୍ୱରଙ୍କ ରକ୍ଷଣକାରୀ ହସ୍ତ ଆୟୁବଙ୍କୁ ଶୟତାନର କବଳରୁ ମୃତ୍ୟୁରୁ ରକ୍ଷା କରିଥିଲା ।

## ମନୁଷ୍ୟମାନେ କହିଁକି ଯନ୍ତ୍ରଣା ଭୋଗନ୍ତି :

ଯଦିଓ ଏହାର ଉତ୍ତର ଆୟୁବ ପୁସ୍ତକ ଦିଏ ନାହିଁ, ପରମେଶ୍ୱରଙ୍କ ଇଚ୍ଛାକୁ ପ୍ରଶ୍ନ କରିବା ପାଇଁ ଆମେ ଯୋଗ୍ୟ ନୋହୁଁ ବୋଲି ଏହି ପୁସ୍ତକ ଆମ୍ଭମାନଙ୍କୁ ଜଣାଏ । ଦୁଃଖ, କଷ୍ଟ, କ୍ଲେଶ, ପୀଡ଼ା ଆମ୍ଭମାନଙ୍କୁ ପରମେଶ୍ୱରଙ୍କ କାର୍ଯ୍ୟରେ ଆମ୍ଭମାନଙ୍କୁ ଆହୁରି ଦୃଢ଼ କରେ । ପରୀକ୍ଷା ଆମ୍ଭମାନଙ୍କ ଜୀବନକୁ ଆହୁରି ପବିତ୍ରୀକୃତ କରେ । ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଯେପରି ଆହୁରି ଅଧିକଭାବେ ପବିତ୍ରୀକୃତ ହୁଏ, ସେହିପରି କ୍ଲେଶ, କଷ୍ଟରେ ପରୀକ୍ଷିତ ଆମ୍ଭମାନଙ୍କ ବିଶ୍ୱାସ ଆହୁରି ଦୃଢ଼ ହୁଏ । ପରୀକ୍ଷା ଦ୍ୱାରା ଆମ୍ଭେମାନେ ଧୈର୍ଯ୍ୟ ଓ ସୃଷ୍ଟିକର୍ତ୍ତା ଉପରେ ନିର୍ଭରତା ଶିକ୍ଷା କରୁ । ପରୀକ୍ଷା ଆମ୍ଭମାନଙ୍କୁ ତାହାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେବାକୁ ସାହାଯ୍ୟ କରେ । ପରମେଶ୍ୱର ଆପଣା ଅଦ୍ୱିତୀୟ ନିଷ୍ପାପୀ ପୁତ୍ରଙ୍କୁ ଯନ୍ତ୍ରଣା ସହ ଏହି ଜଗତକୁ ପ୍ରେରଣ କରିଥିଲେ । ଯଦି ପରମେଶ୍ୱରଙ୍କ ପୁତ୍ର ହିଁ ଏହି ଜଗତରେ ପରୀକ୍ଷା ଓ ଯନ୍ତ୍ରଣା ସହିଲେ, ଆମ୍ଭେମାନେ କି ସହ୍ୟ କରିବା ନାହିଁ ? ଯନ୍ତ୍ରଣା ସହ୍ୟ କଲେ ପୀଡ଼ିତମାନଙ୍କୁ ଆମ୍ଭେମାନେ ସାନ୍ତ୍ୱନା ଦେଇପାରିବା । ଯନ୍ତ୍ରଣା ଭୋଗିବା ନିମନ୍ତେ ଆୟୁବ ଆପେ ମନୋନୀତ କରିନଥିଲେ, କିନ୍ତୁ ତାହାଙ୍କ ଜୀବନର କାହାଣୀ ଶତାବ୍ଦୀ ଧରି ମନୁଷ୍ୟମାନଙ୍କ ଆଦର୍ଶ ହୋଇ ରହିଆସୁଅଛି ।

## ବନ୍ଧୁମିତ୍ରଙ୍କ ଜୀବନ ନିମନ୍ତେ :

ବନ୍ଧୁମିତ୍ରମାନଙ୍କ ପ୍ରତ୍ୟେକ ମନ୍ତ୍ରଣା ଆମ୍ଭମାନଙ୍କ ଜୀବନ ନିମନ୍ତେ ଫଳପ୍ରଦ ହୋଇନଥାଏ । ଆୟୁବଙ୍କ ମିତ୍ରମାନେ ଆୟୁବଙ୍କୁ ସାହାଯ୍ୟ କରିବାରେ ଚେଷ୍ଟା କଲେ, କିନ୍ତୁ ସେମାନେ ଆୟୁବଙ୍କ ପ୍ରକୃତ ସମସ୍ୟା ଜ୍ଞାତ ନଥିଲେ । ଆୟୁବଙ୍କ ଯନ୍ତ୍ରଣା ତାହାଙ୍କ ଦୁଷ୍କର୍ମରୁ ଜାତ ବୋଲି ସେମାନଙ୍କ ଧାରଣା ଥିଲା । ଯନ୍ତ୍ରଣା ଭୋଗୁଥିବା ମିତ୍ରମାନଙ୍କୁ ଆମ୍ଭେମାନେ ଈଶ୍ୱରଙ୍କ ଠାରେ ଭରସା ରଖିବା ନିମନ୍ତେ ଉତ୍ସାହିତ କରୁ । ମିତ୍ରମାନେ ଭଲ ହୋଇପାରନ୍ତି କିନ୍ତୁ ପରମେଶ୍ୱର ଓ ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ଆଶ୍ରୟସ୍ଥଳ ହେଉ ।

ଆୟୁବଙ୍କ ଜୀବନରୁ ଈଶ୍ୱରଙ୍କ ଠାରେ ଅଟଳ ରହିବାର ଫଳାଫଳ ବିଷୟରେ ଶିକ୍ଷାଲାଭ କରିଥାଉ । ଆୟୁବଙ୍କ ପରୀକ୍ଷା ଶେଷରେ ସେ ଦ୍ୱିଗୁଣ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । (ଆୟୁବ ୪୨:୧୦) ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥିଲେ, ଜୀବନରୂପ ମୁକୁଟ ପରମେଶ୍ୱରଙ୍କ ଠାରୁ ପ୍ରାପ୍ତ ହେବା

**- Randy Baker**

❑❑❑

# WARNINGS AGAINST FALSE TEACHERS

1 John 4:1; 2 John: 10,11

## Introduction:

1. Man is very gullible.
2. He is easily deceived.
3. Therefore the Lord warned us about false teachers.
4. Even then most people are deceived.

## Discussion :

### I. We must realize that all religious people are not good people.

1. Just because they are religious that doesn't make them right.
2. The Devil has people who pose as ministers of righteousness (2 Cor. 11:15).

### II. We must realize that all people who use the Bible are not of God.

1. The devil quoted scripture (Matt. 4).
2. The majority who use the scripture refuse to obey it themselves.

### III. We must realize that not all who call on the Lord will be saved.

1. Christ himself said so (Matt. 7:21-23)
2. The Lord asked why should one call him Lord and then not obey him.

### IV. We must try the spirits to see if they be of God or not.

1. John says that we are not to believe every spirit (1 John 4:1).
   - A. Because many false prophets have gone out.
   - B. Therefore we are to try them or test them by the word of God.

2. If people would really do this then so many would not be deceived.

**V. We must be careful not to encourage those who are in error.**

1. If one does not bring the truth then he is not to be received or encouraged (2 John: 10,11).
2. To bid him God's speed is to partake of his evil deeds.

## Conclusion :

1. The truth only saves.
2. All must be careful.

-- J.C. CHOATE

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)